## ଝୁଲନ୍ତା ମୃତଦେହ ଜବତ

ଡାବୁଗାଁ,(ଡି.ଏନ୍.ଏ.)- ଡାବୁଗାଁ ଥାନା ଅଧୀନ ଚିକିଲି ଗ୍ରାମ ପାଖ କାଜୁ ବାଡ଼ରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ପୂଜାରିଗୁଡା ଗ୍ରାମର ମହେଶ୍ୱର ମାଝି (୩୬)। ମହେଶ୍ୱର ସୋମବାର ସକାଳୁ ଘରୁ ବାହାରି ଆସିଥିଲେ। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି ଆରମ୍ଭ କରି ଶେଷରେ ନିରାଶ ହୋଇଥିଲେ। ଚିକିଲି ଗାଁ ପାଖ କାଜୁ ବଗିଚାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ଖବର ପ୍ରଚାର ହେବା ପରେ ମହେଶ୍ୱରଙ୍କ ସାନଭାଇ ଲକ୍ଷ୍ମୀ ମାଝୀ ସେଠାକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ଏହାପରେ ସେ ଡାବୁଗାଁ ଥାନାରେ ଏ ସମ୍ପର୍କରେ ଏତଲା ଦେଇଥିଲେ। ସବ୍‌ଇନ୍‌ସପେକ୍ଟର ଅରୁଣ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପୋଲିସ ୧୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ରାସ୍ତା ନ ଥିବାରୁ ୮ ଗ୍ରାମର ବାସିନ୍ଦା ହେଲେ ଏକାଠି



ପଟ୍ଟାଙ୍ଗୀ,୨୯।୬(ଡି.ଏନ.ଏ.)- କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାଲେଗଡ଼ା ଓ ସୁଙ୍କି ପଞ୍ଚାୟତ ଅଧୀନରେ ଥିବା ୮ଟି ଗ୍ରାମର ଗ୍ରାମବାସୀ ନିଜ ସମସ୍ୟା ସମାଧାନ ନେଇ ମଙ୍ଗଳବାର ଏକାଠି ହୋଇଥିଲେ। ସେମାନେ ବୈଠକକୁ ବ୍ଲକ ଅଧକ୍ଷ ଜଗତଜ୍ୟୋତି ପାଙ୍ଗୀଙ୍କୁ ଡକାଇ ନିଜ ସମସ୍ୟା ଜଣାଇଛନ୍ତି। ଗ୍ରାମର ମୁଖ୍ୟ ସମସ୍ୟା ରାସ୍ତା ନିର୍ମାଣ ସମ୍ପର୍କରେ ଗ୍ରାମବାସୀ ଅଧକ୍ଷ ପାଙ୍ଗୀଙ୍କୁ ଅବଗତ କରାଇଥିଲେ। ୮ଟି ଗ୍ରାମର ଗ୍ରାମବାସୀଙ୍କ ପାଇଁ ଭଲ ରାସ୍ତାଟିଏ ଏଯାଏ ନିର୍ମାଣ ହୋଇ ନ ଥିବାରୁ ସେମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାତିରେ କେହି ରୋଗରେ ପଡ଼ିଲେ ତାଙ୍କୁ ପଟ୍ଟାଙ୍ଗୀ ଡାକ୍ତରଖାନା ନେବା କଷ୍ଟକର ହେଉଛି। ରାସ୍ତା ନ ଥିବା ଯୋଗୁ ଗ୍ରାମକୁ ନଳକୂପ ଖନନ ଲାଗି ଗାଡି ଆସିପାରୁନାହିଁ। ସେହିପରି ଜାତୀୟ ରାଜପଥଠାରୁ ଟାଙ୍ଗିଣି ଗ୍ରାମ ଯାଏ ପିଚୁରାସ୍ତା ହୋଇଥିଲେ ମଧ ଟାଙ୍ଗିଣି ଗ୍ରାମଠାରୁ ମୁଙ୍ଗାରଗୁମି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପିଚୁ ହୋଇ ନ ଥିବାରୁ ବର୍ଷାରେ ମାଟି ଧୋଇହୋଇଯାଇଛି। ଏହି ରାସ୍ତାରେ ଯାତାୟାତ କରିବା ସମସ୍ୟା ହେଉଛି। ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ଏନେଇ ବ୍ଲକ ପ୍ରଶାସନଠାରୁ ଆରମ୍ଭକରି ଜିଲା ପ୍ରଶାସନକୁ ଲିଖିତ ରୂପେ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ବ୍ଲକ ଅଧକ୍ଷ ପାଙ୍ଗୀଙ୍କୁ ବୈଠକରେ ଜଣାଇଥିଲେ। ଗ୍ରାମବାସୀଙ୍କଠାରୁ ସବୁ ଶୁଣି ଅଧକ୍ଷ ପାଙ୍ଗୀ ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ସମସ୍ତ ଗ୍ରାମବାସୀ ମିଶି ବ୍ଲକ କାର୍ଯ୍ୟାଳୟଠାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ବୈଠକରେ ରାଲେଗଡା ସରପଞ୍ଚ ତ୍ରିନାଥ କଟା,ୱାର୍ଡସଭ୍ୟ ସୁଲି ବଡାମାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ୨୨ ଛେଳିର ସନ୍ଦେହଜନକ ମୃତ୍ୟୁ

ପଦ୍ମପୁର,୨୯।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଇନ୍ଦ୍ରାନଗର ସାହିରେ ୨୨ ଛେଳିର ସନ୍ଦେହଜନକ ମୃତ୍ୟୁ ଘଟିଛି। ସମସ୍ତ ଛେଳିର ବେକରେ କଣା ରହିଥିବାବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ସାହିର ଲିହାରି ଗୌଡ଼ ୨୨ଟି ଛେଳି ପାଳିଛନ୍ତି। ସବୁଦିନ ଭଳି ସୋମବାର ରାତିରେ ସେ ଛେଳିଗୁଡ଼ିକୁ ଗୁହାଳରେ ରଖି କବାଟ ବନ୍ଦ କରିଥିଲେ। ମଙ୍ଗଳବାର ସକାଳେ ଛେଳି ଚରାଇବାକୁ ଯିବା ପାଇଁ ଗୁହାଳକୁ ଯାଇଥିଲେ। ଏହି ସମୟରେ ସମସ୍ତ ଛେଳି ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ତେବେ ଛେଳିଗୁଡ଼ିକର ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଗୁହାଳରେ ଛୋଟ କଣା ହୋଇଥିବାରୁ ନାନା ସନ୍ଦେହ ପ୍ରକାଶ ପାଉଛି। ଦୁଇଦିନ ତଳେ ମଧ ଦୁଇଟି ବଡ଼ ଛେଳିଙ୍କ ସମାନ ପ୍ରକାରେ ମୃତ୍ୟୁ ଘଟିଥିଲା। ତେଣୁ ଏହା କୌଣସି ଜନ୍ତୁଙ୍କ ଆକ୍ରମଣ ନା କେହି ଦୁର୍ବୃତ୍ତଙ୍କ କାଣ୍ଡ ସେ ନେଇ ତଦନ୍ତ କରିବା ନିମନ୍ତେ ଛେଳି ମାଲିକ ଲିହାରି ଏବଂ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ କ୍ଷତିପୂରଣ ବାବଦରେ ପଦ୍ମପୁର ପ୍ରାଣୀଧନ ମୁଖ୍ୟ ଚିକିତ୍ସାଧିକାରୀ କୃଷ୍ଣାନନ୍ଦ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଛେଳିଗୁଡ଼ିକର ବୀମା ହୋଇ ନ ଥିବା ଯୋଗୁ କ୍ଷତିପୂରଣ ମିଳିବା କଷ୍ଟକର।

### ୧୦ ଅକ୍ସିଜେନ କନସେନ୍‌ଟ୍ରେଟର ଦେଲା ଓଆର୍‌ଏଫ୍




ନବରଙ୍ଗପୁର, ୨୯।୬(ବି.ପ୍ର.)
ନବରଙ୍ଗପୁର ଜିଲାସ୍ଥିତ କୋଭିଡ୍ ହସ୍ପିଟାଲକୁ ଓଡ଼ିଶା ରାଇଜିଙ୍ଗ ଫାଉଣ୍ଡେସନ (ଓଆର୍‌ଏଫ୍)ସଂସ୍ଥା ଦ୍ୱାରା ୧୦ଟି ଅକ୍ସିଜେନ କନସେନ୍‌ଟ୍ରେଟର ଦିଆଯାଇଛି। ମଙ୍ଗଳବାର ନବରଙ୍ଗପୁର ଏଡିଏମ୍ ରତ୍ନାକର୍ ସାହୁଙ୍କ ଉପସ୍ଥିତରେ ସଂସ୍ଥାର ସହପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ସାଗର ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କୁ ତାହା ହସ୍ତାନ୍ତର କରିଥିଲେ। ଏହା ପୂର୍ବରୁ ସଂସ୍ଥା ପକ୍ଷରୁ ଖ୍ରୀଷ୍ଟିୟାନ ମେଡିକାଲକୁ ୫ଟି ଅକ୍ସିଜେନ କନସେନ୍‌ଟ୍ରେଟର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରର ଏହି ସାମାଜିକ ଅନୁଷ୍ଠାନ ଓଡ଼ିଶାର ୩୦ ଜିଲାରେ କୋଭିଡ-୧୯ ମୁକାବିଲା ପାଇଁ ୩୦୦ରୁ ଊର୍ଦ୍ଧ୍ୱ ଅକ୍ସିଜେନ କନସେନ୍‌ଟ୍ରେଟର ଯୋଗାଇ ସାରିଲାଣି। ଏଥିସହ ୫୦୦୦ରୁ ଊର୍ଦ୍ଧ୍ୱ ଦୁରବସ୍ଥା ପରିବାରଙ୍କୁ ରାସନ ସାମଗ୍ରୀ, ଔଷଧ ସହାୟତା ଯୋଗାଇ ଦିଆଯାଇଛି। ଏହି ପ୍ରୋଗ୍ରାମ ରେ ସଂସ୍ଥାର ଓ ହସ୍ପିଟାଲ ଷ୍ଟାଫ ସବୁ ଉପସ୍ଥିତ ଥିଲେ।

# ସବୁ ପଞ୍ଜୀକୃତ ଚାଷୀଙ୍କ ଧାନ କିଣ

## କଂଗ୍ରେସ ପକ୍ଷରୁ ଜାତୀୟ ରାଜପଥ ଅବରୋଧ

କୋରାପୁଟ/ଜୟପୁର/ପଟ୍ଟାଙ୍ଗୀ, ୨୯।୬ (ସ୍ୱ.ପ୍ର./ନି.ପ୍ର./ଡି.ଏନ.ଏ.)

ରବି ମଣ୍ଡିରେ ବିଭିନ୍ନ ଅବ୍ୟବସ୍ଥା ନେଇ ଏବେ କଂଗ୍ରେସ ରାସ୍ତାକୁ ଓହ୍ଲାଇଛି। ମଣ୍ଡିରୁ ଧାନ ନ ଉଠିବା ଏବଂ ଧାନର ଅଭାବୀ ବିକ୍ରି ନେଇ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଟ୍ରାଫିକ ଛକସ୍ଥିତ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛି। ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଧାନ ମଣ୍ଡିରୁ ଉଠୁ ନ ଥିବାରୁ ଚାଷୀ ବାଧହୋଇ କମ୍ ଦରରେ ଧାନ ବିକ୍ରିକରି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ତୁରନ୍ତ ସବୁ ପଞ୍ଜୀକୃତ ଚାଷୀଙ୍କ ଧାନ କିଣିବା ଲାଗି କଂଗ୍ରେସ ଦାବି କରିଛି। ଏଥିସହ ଟୋକନ ଲାପ୍‌ସ ହୋଇଯାଇଥିବା ଚାଷୀଙ୍କ ଧାନ ମଧ କିଣିବା, ଧାନ କୁଇଣ୍ଟାଲ ପିଛା ୫ଶହ ଟଙ୍କା ବୋନସ ଦେବା ଆଦି ଦାବି କରିଥିଲା। ଏଥିରେ ପୂର୍ବତନ ବିଧାୟକ ନିମାଇଁ ସରକାର, ପୂର୍ବତନ ନଗରପାଳ ଭଗବାନ ବାହିନୀପତି, ରୂପକ କୁମାର ତୁରୁକ, ବାବୁଲା ବେନିଆ, ରମେଶ ବାଖ୍ୟା, ଆର୍. ମାଛଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।



ଜୟପୁରରେ କଂଗ୍ରେସ କର୍ମକର୍ତ୍ତାମାନେ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରୁଛନ୍ତି।

ଜୟପୁରଠାରେ ଧାନର ଅଭାବୀ ବିକ୍ରି ଏବଂ ରବି ମଣ୍ଡିରେ ବ୍ୟାପକ ଅନିୟମିତତା ପ୍ରତିବାଦରେ କୋରାପୁଟ ଜିଲା କଂଗ୍ରେସ କମିଟି ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଆହ୍ୱାନରେ ମଙ୍ଗଳବାର ଆର୍‌ଏମ୍‌ସି ଅଫିସ ନିକଟରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିଲା। ବୋରିଗୁମ୍ମା, ସେମିଳିଗୁଡ଼ାଠାରେ ମଧ ଏହି ଆନ୍ଦୋଳନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କିଷାନ ସଂଘ ସଭାପତି ଭବାନୀ ରଥ, ନିହାର ବିଷୋୟୀ, ବୁଲୁ ସାହୁ, ନରି ମହାନ୍ତି, ବିନୋଦ ମହାପାତ୍ରଙ୍କ ସହ ଚାଷୀମାନେ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ନେଇ ଜୟପୁର ସଦର ଥାନାରେ ୫ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। କେସ୍ ନଂ. ୧୧୪/୨୧।

ପଟ୍ଟାଙ୍ଗୀରେ ମଧ କଂଗ୍ରେସ ପକ୍ଷରୁ ବସ୍‌ଷ୍ଟାଣ୍ଡଠାରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବ୍ଲକ ଅଧକ୍ଷ ଶୁକ୍ରା ଖରା, ପୂର୍ବତନ ବ୍ଲକ ଅଧକ୍ଷା ବିମଳା ପାଙ୍ଗୀ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଗୁପ୍ତଶଙ୍କର ପଟ୍ଟନାୟକ, ନନ୍ଦପୁର ବ୍ଲକ ସଭାପତି କାମେସ କାମଡି, ସେମିଳିଗୁଡ଼ା ବ୍ଲକ ସଭାପତି ସନିଆ ମାଝି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ଆନ୍ଦୋଳନ କରିବ ବଂଶଧାରା ଅବବାହିକା ସୁରକ୍ଷା ସମିତି



ସମିତିର ବୈଠକ ଚାଲିଛି।

## ନେରେଡିକୁ ନେଇ ଟ୍ରିବ୍ୟୁନାଲ ରାୟ ମାମଲା

ଗୁଣପୁର,୨୯।୬(ଡି.ଏନ୍.ଏ.)

ନେରେଡିଠାରେ ବ୍ୟାରେଜ ନିର୍ମାଣ ପାଇଁ ଟ୍ରିବ୍ୟୁନାଲ ଆନ୍ଧ୍ର ସରକାରଙ୍କୁ ସବୁଜ ସଙ୍କେତ ଦେବାପରେ ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୋମବାର ଏ ନେଇ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯିବା ସହ ବଂଶଧାରା ଉପର ମୁଣ୍ଡରେ ପ୍ରକଳ୍ପ ନିର୍ମାଣ କରି ଆନ୍ଧ୍ରକୁ ଦୃଢ଼ ଜବାବ ଦିଆଯାଉ ବୋଲି ଦାବି ହୋଇଥିଲା। ରାଜ୍ୟ ସରକାର ଉପରମୁଣ୍ଡରେ କୌଣସି ପ୍ରକଳ୍ପ ନ କରିବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀ ନିଷ୍ପତ୍ତି ନେଇଛନ୍ତି। ସେହିପରି ସୋମବାର ସନ୍ଧ୍ୟାରେ ହୋଇଥିବା ବୈଠକରେ ବଂଶଧାରା ଅବବାହିକା ସୁରକ୍ଷା ସମିତି ଗଠନ କରାଯାଇଛି। ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ସମିତିର ସଭାପତି ଚୟନ ହୋଇଥିବାବେଳେ କାର୍ଯ୍ୟକାରୀ ସଭାପତି ରୂପେ ସଭାପତି ଅକ୍ଷୟ ଦାସ, ଉପ ସଭାପତି ବିଜୟ ଗମାଙ୍ଗ, ୱାଇ. ଗଣପତି, ରାଜେନ୍ଦ୍ର ପ୍ରସାଦ ସାହୁ, କୋଷାଧକ୍ଷ ଏସ୍. ବାବା ପ୍ରସାଦ, ସାଧାରଣ ସମ୍ପାଦକ ଭାବେ ଓକିଲ ସଂଘର ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ଏବଂ ଯୁଗ୍ମ ସମ୍ପାଦକ ଭାବେ ମନୋଜ ପାଣିଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ମିଲି ପାଢ଼ୀଙ୍କୁ ଆବାହକ ଏବଂ କାର୍ଯ୍ୟାଳୟ ସମ୍ପାଦକ ରୂପେ ସୀମାଦ୍ରି ଭେଙ୍କେଟ କ୍ରିଷ୍ଣାଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା ତଥା ଆଇନ ଉପଦେଷ୍ଟା କମିଟିରେ ବିଧାୟକ ରଘୁନାଥ ଗମାଙ୍ଗ, ଆଇନଜୀବୀ ଉମାଚରଣ ପଟ୍ଟନାୟକ, ଏସ୍. ଗଣପତି ରାଓ, ପ୍ରଦୀପ ଦାସ ଏବଂ ଜଗଦୀଶ ପଣ୍ଡା ରହିଛନ୍ତି। ଏଥିସହ ସହରର ୧୧ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଅନ୍ୟପକ୍ଷରେ ଟ୍ରିବ୍ୟୁନାଲର ରାୟ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନୀରବତା ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ବୋଲି ଅଭିଯୋଗ ହୋଇଛି। ତେଣୁ ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନକୁ ଜୋର୍‌ଦାର କରି ବଂଶଧାରା ଉପର ମୁଣ୍ଡରେ ପ୍ରକଳ୍ପ ନିର୍ମାଣ ନେଇ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ନିଷ୍ପତ୍ତି ହୋଇଥିବା କୁହାଯାଇଛି।

# ଆଜିଠୁ ଶିଶୁଙ୍କୁ ନିମୋକୋକାଲ କଞ୍ଜୁଗେଟ ଟିକା

- ଜିଲାର ୨୫ ହଜାର ଶିଶୁଙ୍କୁ ଦେବାକୁ ରଖାଯାଇଛି ଲକ୍ଷ୍ୟ
- ଜନ୍ମର ୬ ସପ୍ତାହରେ ନେବେ ପ୍ରଥମ ଟିକା
- ଫୁସଫୁସଜନିତ ସଂକ୍ରମଣ ରୋଗରୁ ଶିଶୁଙ୍କୁ ଦେବ ସୁରକ୍ଷା

କୋରାପୁଟ,୨୭।୬(ସ୍ୱ.ପ୍ର.)

ସାର୍ବଜନୀନ ଟିକା କାର୍ଯ୍ୟକ୍ରମ ଅନ୍ତର୍ଗତ ନିମୋକୋକାଲ କଞ୍ଜୁଗେଟ ଟିକାକରଣ କାର୍ଯ୍ୟକ୍ରମ ବୁଧବାରଠାରୁ କୋରାପୁଟ ଜିଲାରେ ଆରମ୍ଭ ହେବ। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ମଙ୍ଗଳବାର ସିଡିଏମଓ ଡାକ୍ତର ମକରନ୍ଦ ବେଉରା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୨୦୧୭ରେ ଭାରତର ୫ଟି ରାଜ୍ୟରେ ଏହି ଟିକାରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବୁଧବାର ସାରା ଓଡିଶାରେ ଏହି ଟିକାକରଣ ଆରମ୍ଭ ହେବ। କୋରାପୁଟ ଗାନ୍ଧୀନଗରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବାହ୍ନରେ ଜିଲାପାଳ ଅବଦାଲ ମହମ୍ମଦ ଅଖତାର ଏହାକୁ ଶୁଭାରମ୍ଭ କରିବେ। ପିସିଭିର ଏହି ଟିକା ଶିଶୁଙ୍କୁ ୩ଟି ପର୍ଯ୍ୟାୟରେ ପ୍ରଦାନ କରାଯିବ। ଶିଶୁକୁ ପ୍ରଥମ ଟିକା ୬ ସପ୍ତାହରେ, ଦ୍ୱିତୀୟ ଟିକା ୧୪ ସପ୍ତାହରେ, ତୃତୀୟ ଟିକା ଶିଶୁକୁ ୯ମାସରେ ପ୍ରଦାନ କରାଯିବ। କୋରାପୁଟ ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟିକା ପ୍ରଦାନ କରାଯିବ। ଜିଲାର ପ୍ରାୟ ୨୫ ହଜାର ଶିଶୁଙ୍କୁ ଏହି ଟିକା ପ୍ରଦାନ କରାଯିବ ବୋଲି ସିଡିଏମଓ କହିଛନ୍ତି। ନିମୋକୋକାଲ ନିମୋନିଆ ହେଉଛି ଫୁସଫୁସଜନିତ ସଂକ୍ରମଣ ରୋଗ। ଏହି ରୋଗରେ ଆକ୍ରାନ୍ତ ଶିଶୁ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରନ୍ତି। ତାଙ୍କ ଛାତି ଜୋରରେ ଭିତରକୁ ଟାଣି ହୁଏ। ଜ୍ୱର ତଥା କାଶ ହୋଇଥାଏ। ଏହି ଟିକା ନେବା ଦ୍ୱାରା ଶିଶୁ ଏସବୁ ରୋଗରୁ ରକ୍ଷା ପାଇପାରିବେ ବୋଲି ସିଡିଏମଓ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ନୀଳମାଧବ ଶତପଥି ଉପସ୍ଥିତ ରହି ଏହି ଟିକା ଉପରେ ବିସ୍ତୃତ ବିବରଣୀ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ସଂଯୋଜକ ଶୁଭକାନ୍ତ ଗନ୍ତାୟତ, ଡାଟା ଏଣ୍ଟ୍ରି ମ୍ୟାନେଜର ଏମ ସନ୍ତୋଷ , କିଶୋର ଚନ୍ଦ୍ର ସାହୁ , ବିଷ୍ଣୁ ପ୍ରସାଦ ସାହୁ, ଅଭିଶେକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସିଡିଏମଓ ସୂଚନାଦେଉଛନ୍ତି।

## ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ବୃକ୍ଷରୋପଣ

ମାଲକାନଗିରି,୨୯।୬(ଡି.ଏନ୍.ଏ.)

ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ମଙ୍ଗଳବାର ମାଲକାନଗିରି ଜିଲା ସଦର ମହକୁମାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ଶିବ ତ୍ରିପାଠୀ, କେ. ରାହୁଲ ରାଓ, ମୁସ୍କାନ ଦେବନାଥ, ମନୋଜ ପଟ୍ଟନାୟକ, ସୁନୀଲ ସାହୁ, ସତ୍ୟଜିତ ଗୌଡ଼, ଦେବାଶିଷ ଦେବନାଥ ଉପସ୍ଥିତ ଥିଲେ।

## ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର, ୨୯।୬ (ନି.ପ୍ର.)

ଦ୍ୱିତିୟ ସ୍ତ୍ରୀ ଗ୍ରହଣ କରି ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଘରୁ ତଡି ଦେଇଥିବା ନେଇ ଜୟପୁର ମହିଳା ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ପୋଲିସ ୫୦/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜୟପୁର ବାମୁଣିପୁଟର ଲକ୍ଷ୍ମୀ ଖରା ଗତ ୫ ବର୍ଷ ତଳେ ସୁରେନ୍ଦ୍ର ଖରାଙ୍କୁ ବିବାହ କରିଥିଲେ। ନିକଟରେ ସୁରେନ୍ଦ୍ର ଦ୍ୱିତୀୟ ବିବାହ କରି ତାଙ୍କୁ ନିର୍ଯାତନା ଦେଉଥିବା ଲକ୍ଷ୍ମୀ ଅଭିଯୋଗ କରିଛନ୍ତି ।

# ୧୧ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୧ ଗିରଫ

ମୁନିଗୁଡ଼ା/ରାୟଗଡ଼ା ଅଫିସ, ୨୯।୬(ଡି.ଏନ୍.ଏ.)



ରାୟଗଡ଼ା ଜିଲା କେନ୍ଦୁଗୁଡ଼ାରୁ ମଧ୍ୟପ୍ରଦେଶ ଚାଲାଣବେଳେ ମୁନିଗୁଡ଼ା ପୋଲିସ ଏକ କାର୍‌ରୁ ୧୧ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଚାଳକଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିଙ୍କ ନାମ ବୀରେନ୍ଦ୍ର ସିଂ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ମୁନିଗୁଡ଼ା ପୋଲିସ ସ୍ଥାନୀୟ ତିନିକୋଣିଆ ଛକ ନିକଟରେ ଯାନବାହନ ଯାଞ୍ଚବେଳେ ଏକ କାର୍‌କୁ ଅଟକାଇଥିଲେ। ହେଲେ କାର୍ ଅଟକି ନ ଥିଲା। ଫଳରେ ପୋଲିସ ଟିମ୍ କାର୍‌ର ପିଛା କରିଥିଲେ। ପୋଲିସକୁ ଦେଖି ଗାଡ଼ିରେ ଥିବା ଜଣେ ଫେରାର ହୋଇଥିବାବେଳେ ପୋଲିସ ବୀରେନ୍ଦ୍ରଙ୍କୁ ଗିରଫ କରିବା ସହ କାର୍(ଓଆର୍ ୦୨ ଏଜେ ୨୯୩୯)କୁ ଜବତ କରିଛି। ଜବତ ଗଞ୍ଜେଇ ୧ କୁଇଣ୍ଟାଲ ୧୦ କେଜି ବୋଲି ସୂଚନା ମିଳିଛି। ଏ ନେଇ ମୁନିଗୁଡ଼ା ଥାନାରେ ୮୦/୨୧ ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ସୁଜ୍ଞାନୀ ସାହୁ କହିଛନ୍ତି।

# ମାଟ୍ରିକ ପରୀକ୍ଷାରେ କମ୍ ମାର୍କ ନେଇ ଧାରଣା

କୋରାପୁଟ,୨୯।୬(ସ୍ୱ.ପ୍ର)

ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପରେ ମିଳିଥିବା ମାର୍କକୁ ନେଇ ବିଭିନ୍ନ ସ୍ଥାନରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ନିଜ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। ମଙ୍ଗଳବାର କୋରାପୁଟ ସ୍ୱରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଏନେଇ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କେତେକ ଛାତ୍ରୀଛାତ୍ର ପ୍ରଧାନ ଆଚାର୍ଯ୍ୟ ସମେତ ଅନ୍ୟ ଶିକ୍ଷକମାନଙ୍କୁ ଘେରାଉ କରିଥିଲେ । ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟର ରିପୋର୍ଟ ପ୍ରସ୍ତୁତରେ କେତେକ ଶିକ୍ଷକ ମାର୍କ କମ ଦର୍ଶାଇଥିବା କେତେକ ଅଭିଭାବକ ଅଭିଯୋଗ କରିଥିଲେ । ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମାର୍କ ଠିକ ଭାବେ ପ୍ରଦାନ କରାଯାଇଥିବା ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ଦୋରା ବୁଝାଇବା ପରେ ସେମାନେ ଧାରଣାରୁ ଓହରିଥିଲେ । ଧାରଣାରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଅଙ୍କିତା ପାଢୀ, ସାଗରିକା ସାହୁ, ସଞ୍ଜୀବ ନାୟକ, ରାହୁଲ କୁମାର ରଣା, ଶୁଭାସିନି ବେହେରା,ଦେବୀ ପ୍ରସାଦ ମହାରଣାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସାମିଲ ହୋଇଥିଲେ।

## ଅମାନିଆଙ୍କଠାରୁ ୧୧ ହଜାର ଜରିମାନା ଆଦାୟ

ସେମିଳିଗୁଡ଼ା, ୨୯।୬(ସ୍ୱ.ପ୍ର.)

ସେମିଳିଗୁଡ଼ା ଟ୍ରାଫିକ ଛକଠାରେ ମଙ୍ଗଳବାର ପୋଲିସ ପକ୍ଷରୁ ହେଲ୍‌ମେଟ୍ ଓ ମାସ୍କ ଚେକିଂ କଡ଼ାକଡ଼ି ଭାବେ କରାଯାଇଥିଲା। ବିନା ହେଲ୍‌ମେଟ୍ ଓ ବିନା ମାସ୍କରେ ଯାତ୍ରା କରୁଥିବା ବ୍ୟକ୍ତିଙ୍କଠାରୁ ମୋଟ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏଏସ୍‌ଆଇ ପ୍ରମୋଦ ମହାନ୍ତି କହିଛନ୍ତି।

# କାଠଫାଳିଆରେ ପିଟି ସ୍ତ୍ରୀଙ୍କୁ ହତ୍ୟା

ନବରଙ୍ଗପୁର,୨୯।୬(ବି.ପ୍ର.)

ପାରିବାରିକ କଳହର କରୁଣ ପରିଣତି, ସ୍ୱାମୀ ନେଲା ସ୍ତ୍ରୀର ଜୀବନ। ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ଉମରଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ହେଲେ ବନମାଳୀ ଭତ୍ରାଙ୍କ ସ୍ତ୍ରୀ ବୁଧମଣି। ସୂଚନା ଅନୁଯାୟୀ, କୌଣସି ଏକ ପାରିବାରିକ ଘଟଣାକୁ ନେଇ ସୋମବାର ରାତିରେ ବନମାଳୀ ଓ ବୁଧମଣିଙ୍କ ମଧରେ ବଚସା ହୋଇଥିଲା। ଏହା ଏତେ ମାତ୍ରାରେ ବଢ଼ିଯାଇଥିଲା ଯେ ସେମାନଙ୍କ ମଧରେ ପ୍ରବଳ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବନମାଳୀ ପାଖରେ ଥିବା କାଠଫାଳିଆରେ ବୁଧମଣିଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏଥିରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ଗ୍ରାମବାସୀ ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ମଙ୍ଗଳବାର ସକାଳୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବନମାଳୀ ମାତ୍ରାଧିକ ମଦ୍ୟପାନ କରୁଥିବାରୁ ପୂର୍ବରୁ ଅନେକ ସମୟରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧରେ କଳହ ଲାଗୁଥିଲା ବୋଲି ଗ୍ରାମବାସୀ ପୋଲିସକୁ କହିଛନ୍ତି। ପୋଲିସ ବନମାଳୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ବେସିନ ମ୍ୟାନେଜର କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତି ସ୍ଥଗିତ

- ଏକାଠି ହେଲେ ୩ ପ୍ରମୁଖ ରାଜନୈତିକ ଦଳ
- ପ୍ରମୁଖ ସଚିବ ଓ ଜିଲାପାଳଙ୍କ ସହ ଆଲୋଚନା ପରେ ବଦଳିଲା ନିଷ୍ପତ୍ତି

ତେନ୍ତୁଲିଖୁଣ୍ଟି,୨୯।୬(ଡି.ଏନ୍.ଏ.)

ବିଭିନ୍ନ ରାଜନୈତିକ ଦଳର ପ୍ରୟାସରେ ଇନ୍ଦ୍ରାବତୀ–କୋଲାବ ବେସିନ ମ୍ୟାନେଜର ତଥା ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଜୟପୁରକୁ ସ୍ଥାନାନ୍ତର ନିଷ୍ପତ୍ତି ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି। ନବରଙ୍ଗପୁର ଜିଲାର ସ୍ୱାର୍ଥ ତଥା ନବରଙ୍ଗପୁରିଆ ଅସ୍ମିତା ନାମରେ ବିଜେଡି, ଭାଜପା ଏବଂ କଂଗ୍ରେସ ଦଳର ନେତା ଓ କର୍ମୀଙ୍କୁ ନେଇ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ମୁଖ୍ୟଯନ୍ତ୍ରୀ ତଥା ବେସିନ ମ୍ୟାନେଜରଙ୍କୁ ଭେଟି ଅଫିସ ଏଠାରୁ ସ୍ଥାନାନ୍ତର ନ କରିବା ପାଇଁ ଦାବି ଜଣାଇଛନ୍ତି। ଏହା ବ୍ୟତୀତ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ଅଧୀନରେ ଥିବା ସିଭିଲ ବିଭାଗକୁ ମୁଖ୍ୟଯନ୍ତ୍ରୀ ତଥା ବେସିନ ମ୍ୟାନେଜରଙ୍କ ଅଧୀନକୁ ଆଣିବା ଏବଂ ପ୍ରକଳ୍ପ ଅଧୀନରେ ଥିବା ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସୁବ୍ୟବସ୍ଥା ନିମନ୍ତେ ଉଚିତ ପଦକ୍ଷେପ ନେବା ପାଇଁ ମୁଖ୍ୟଯନ୍ତ୍ରୀଙ୍କ ମାଧମରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟଯନ୍ତ୍ରୀ ତଥା ବେସିନ ମ୍ୟାନେଜର ଶତ୍ରୁଘ୍ନ ମହାରଣା ଉକ୍ତ ପ୍ରତିନିଧି ମଣ୍ଡଳୀ ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ଜଳ ସମ୍ପଦ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ ଏବଂ ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ସହ ଏ ନେଇ କଥାବାର୍ତ୍ତା କରିଥିଲେ। ଏହାପରେ କାର୍ଯ୍ୟାଳୟ ସ୍ଥାନାନ୍ତର ଓ କର୍ମଚାରୀଙ୍କୁ ଏହି କାର୍ଯ୍ୟାଳୟରୁ ଅବ୍ୟାହତି ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ ରଖିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଆଲୋଚନା ଓ ଦାବିପତ୍ର ପ୍ରଦାନବେଳେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗୌରୀଶଙ୍କର ମାଝି, ଜିଲା ଯୁବ କଂଗ୍ରେସ ସଭାପତି ଅଖିଳ ଭତ୍ରା, ବ୍ଲକ୍ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ, ଜିଲା ଓଯୁଜେ ସମ୍ପାଦକ ବାରିଜ ପଟ୍ଟନାୟକ, ଓଯୁଜେ ଜିଲା ଉପସଭାପତି ଚିଦାନନ୍ଦ ସାହୁ, ଭାଜପା ନଗର ସଭାପତି ପିଣ୍ଟୁ ମିଶ୍ର, ବୁଡି ଅଞ୍ଚଳ ଗଣ ପରିଷଦ ସମ୍ପାଦକ ସୁଧୀର ସୁନା, ବାବୁନ ନାୟକ, ହରେକୃଷ୍ଣ ମୁଦୁଲି, ପୃଥ୍ୱୀରାଜ ପାଇକରାୟ, ଇନ୍ଦ୍ରାବତୀ ବଣିକ ସଂଘ ସଭାପତି ଏସ୍. ମୃତ୍ୟୁଞ୍ଜୟ, ସମ୍ପାଦକ ହରିବନ୍ଧୁ ପରିଡ଼ା, ବିଶ୍ୱନାଥ ସିଂ, କଂଗ୍ରେସର ଜିଲା ଆଦିବାସୀ ସେଲ୍ ସଭାପତି ଦିଲୀପ ପ୍ରଧାନୀ, ବାବୁଲା ନାୟକ, ଦୁର୍ଯ୍ୟୋଧନ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ ନବରଙ୍ଗପୁରିଆ ଅସ୍ମିତା ନାମରେ ଜିଲାରେ ବିଶେଷକରି ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ଥିବା ସମସ୍ତ ସଂଘର କର୍ମକର୍ତ୍ତା ଏବଂ ୩ ରାଜନୈତିକ ଦଳ ଏକାଠି ହୋଇଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ରାଜନୈତିକ ଦଳର ନେତା କର୍ମୀ ଓ ସହରର ବୁଦ୍ଧିଜୀବୀମାନେ ।


## 2021 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି/ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ 20 (କୋଡିଏ) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁଁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ 5 (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ 10 (ଦଶ) ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେ କୌଣସି ବୈଧ ପରିଚୟପତ୍ର (ଆଧାର/ ଭୋଟର ପରିଚୟପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡିବ। ଏତଦ୍ ବ୍ୟତୀତ ଅନ୍ୟମାନଙ୍କୁ (ଅନୁଷ୍ଠାନ, ଶିଳ୍ପସଂସ୍ଥା ଇତ୍ୟାଦି) ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ।

**ବି.ଦ୍ର.: ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ1/- ଧାର୍ଯ୍ୟ ହୋଇଛି।**

| | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ ଚାରାର ବିବରଣୀ | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1 | ବ୍ରାହ୍ମଣୀ ନର୍ସରୀ | ଅଁଳା, ପାଟୁଳି, ବବୁଲ, କରଞ୍ଜ, ଶିରିଶ, ଶିଶୁ, ବାହାଡ଼ା, ହରିଡ଼ା, ବିଜା, ଏମ୍. କୁଇନ୍, ବଉଳ, ଅର୍ଜୁନ, କାଞ୍ଚନ, ବରକୋଳି, ମହାନିମ୍ବ, ମୁଚୁକୁନ୍ଦ, ଜାମୁ, ଛତିଆନ୍, ଖଇର, ତେନ୍ତୁଳି, ଶାଗୁଆନ୍, କଇଁଥ, କୁମକୁମ, ସୁନାରୀ, ପିଜୁଳି, ଦେବଦାରୁ, ଶାଳ | ଶ୍ରୀ ସଦାଶିବ ପାତ୍ର, ବନପାଳ, 8763433100 |
| 2 | ଧରଣୀଧରପାଲି ନର୍ସରୀ | ଜାମୁ, କରଞ୍ଜ, ବାହାଡ଼ା, ଅଁଳା, କଇଁଥ, ଛତିଆନ୍, ମେହଗାନି, ଫଣଫନା, ତେନ୍ତୁଳି, କୁମକୁମ, କାଞ୍ଚନ, ମହୁଲ, ବଉଳ, ନିମ୍ବ, ଦେବଦାରୁ, ବାଉଁଶ, ଶିରିଶ, ପାଟୁଳି, ଓଉ, ପିଜୁଳି, ହରିଡ଼ା, ବାହାଡ଼ା, ମହାନିମ୍ବ, କୃଷ୍ଣଚୂଡ଼ା, ଶାଗୁଆନ, ଗମ୍ଭାରି, ଅସନ୍, ବରକୋଳି, ଆମ୍ବ | ଗାୟତ୍ରୀବାଳା ପାତ୍ର, ବନପାଳ, 8895229883 |
| 3 | ଟିକାୟତପାଲି ନର୍ସରୀ | ଅଁଳା, ନିମ୍ବ, ଜାମୁ, ବାଉଁଶ, ଅର୍ଜୁନ, ହରିଡ଼ା, ବାହାଡ଼ା, ବେଲ, କରଞ୍ଜ, ଗମ୍ଭାରି | ଶ୍ରୀ ଦୁଃଖୀଶ୍ୟାମ ଶତପଥୀ, ବନପାଳ, 9371718263 |
| 4 | ଏସ୍.ବଲାଙ୍ଗ ନର୍ସରୀ | ନିମ୍ବ, କରଞ୍ଜ, ବାଉଁଶ, ଫାସି | ଶ୍ରୀ ଜଗନ୍ନାଥ ବେହେରା, ବନରକ୍ଷୀ, 7978308801 |
| 5 | ତେହେରାଇ ନର୍ସରୀ | ଜାମୁ, ସିମାରୁବା, କରଞ୍ଜ, ନିମ୍ବ, ପଣସ, ଶିଶୁ, ତେନ୍ତୁଳି | ଶ୍ରୀ ପ୍ରତାପ ସାହୁ, ବନପାଳ, 7846924621 |
| 6 | ବାଦିବାହାଲ ନର୍ସରୀ | ଶାଗୁଆନ, ଅର୍ଜୁନ, ଶିଶୁ, ବାହାଡ଼ା, ଅଁଳା, ବଉଳ, କରଞ୍ଜ | ଶ୍ରୀ ରଘୁନାଥ ସାହୁ, ବନପାଳ, 9437767675 |
| 7 | କାଉଁନଶିବାହାଲ ନର୍ସରୀ | ଶାଗୁଆନ, କରଞ୍ଜ, ଅସନ୍, ଅଁଳା | ଶ୍ରୀ ପଦୀପ କୁମାର ମିଶ୍ର, ବନପାଳ, 8018931359 |
| 8 | କନସର ନର୍ସରୀ | ଶାଗୁଆନ, ଅଁଳା, ଶୀରିଶ, ଶିଶୁ, ବାହାଡ଼ା, ଆତ, ପିଜୁଳି, କରଞ୍ଜ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ, ବନପାଳ, 9438575596 |
| 9 | କୁଣ୍ଢେଇଡିହା ନର୍ସରୀ | ଶାଗୁଆନ, କରଞ୍ଜ, ରାଧାଚୂଡ଼ା, କୃଷ୍ଣଚୂଡ଼ା, ଆତ, ପିଜୁଳି, ଜାମୁ, ଅଁଳା | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ, 8280938755 |
| 10 | ଧାତକିପୋଷ ନର୍ସରୀ | ମହୋଗାନି, କରଞ୍ଜ, ସୁନାରୀ, ବିଜା, ଅର୍ଜୁନ, ବାହାଡ଼ା, ଜାମୁ, ହରିଡ଼ା, ଶାଗୁଆନ, କାଠବାଦାମ, ଶାଳ, ନିମ୍ବ, କାଜୁ, ଶିଶୁ, ରକ୍ତଚନ୍ଦନ, ଛତିଆନ୍, ଅଁଳା, ଆତ, ପାଟୁଳି, ପଣସ, ପିଜୁଳି, ବାଉଁଶ | ଶ୍ରୀମତୀ ସ୍ନେହମୟୀ ସାହୁ, ବନପାଳ, 9861336385 |
| 11 | ବନେଇକେଲା ନର୍ସରୀ | ଅର୍ଜୁନ, ଚାକୁଣ୍ଡା, ନିମ୍ବ, କରଞ୍ଜ, ପଣସ, ପିଜୁଳି, ବାଉଁଶ, ଖଇର | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 12 | ଗୁରୁଣ୍ଡିଆ ନର୍ସରୀ | ମହୁଲ, ନିମ୍ବ, ପଣସ, କରଞ୍ଜ, ଅଁଳା, ପିଜୁଳି, ତେନ୍ତୁଳି, ଜାମୁ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 13 | ଜାମୁଦର ନର୍ସରୀ | ଜାମୁ, କରଞ୍ଜ, ନିମ୍ବ, କାଞ୍ଚନ, ପଣସ, ମହୁଲ | ଶ୍ରୀ ତାପସ କୁ. ଶତପଥୀ, ବନପାଳ, 9438490662 |
| 14 | ଗଡରୁଆଁ ନର୍ସରୀ | ଜାମୁ, ନିମ୍ବ, ଶିଶୁ, ତେନ୍ତୁଳି, ଗମ୍ଭାରି, ଅଁଳା, ପୁଜୁଳା, ଫଣଫଣା | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 15 | ହଳଦିକୁଦର ନର୍ସରୀ | ଶାଗୁଆନ, ଶିଶୁ, ଶିରିଶ, ତେନ୍ତୁଳି, ଅଁଳା, ସଜନା, ଗୁଆ, କୁସୁମ, ବାହାଡ଼ା, ଗମ୍ଭାରି, ଅର୍ଜୁନ, ପିସ୍ତା ବାଦାମ, କରଞ୍ଜ | ଶ୍ରୀ ଡେରୁଳାନନ୍ଦ ଗଡ଼ନାୟକ, ବନପାଳ, 9437862027 |
| 16 | ଡଲେଇସରା ନର୍ସରୀ | ପଣସ, ରାଧାଚୂଡ଼ା, ଆମ୍ବ, ସିମାରୁବା, ଅର୍ଜୁନ, ଖଇର, କଇଁଥ, କରଞ୍ଜ, ଶାଗୁଆନ, ଫଣଫଣା, ଅଁଳା, ପିଜୁଳି, କୁସୁମ, ଶିଶୁ,ନିମ୍ବ, ରକ୍ତଚନ୍ଦନ, ସୁନାରୀ, କୁଚିଳା, ବାହାଡ଼ା, ପାହାଡ଼ି ଶିଶୁ, ଶିରିଶ | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 17 | ଠାକୁରପାଲି ନର୍ସରୀ | ଆତ, ଅଁଳା, ଅର୍ଜୁନ, ଖଇର, ବଡ଼ଚାକୁଣ୍ଡା, ବାହାଡ଼ା, ବଉଳ, ବେଲ, ବିଜା, ଦେବଦାରୁ, ହରିଡ଼ା, ଗମ୍ଭାରି, ଜାମୁ, କଇଥ, କାଞ୍ଚନ, କରଞ୍ଜ, କୃଷ୍ଣଚୂଡ଼ା, ପଣସ, ପିଜୁଳି, ରାଧାଚୂଡ଼ା, ସାନଚାକୁଣ୍ଡା, ଶିରିଶ, ଶିଶୁ, ସୁନାରି, ଶାଗୁଆନ, ତେନ୍ତୁଳି | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ, 9556165001 |
| 18 | ମହୁଲଡିହି ନର୍ସରୀ | ଆତ, ଶାଗୁଆନ, ବଡ଼ଚାକୁଣ୍ଡା | ଶ୍ରୀ ହରେକୃଷ୍ଣ ସାହୁ, ବନପାଳ, 7751807224 |
| 19 | ପିପଲାକାନି ନର୍ସରୀ | ମହୁଲ, ପଣସ, ଶାଗୁଆନ, ତେନ୍ତୁଳି | ଶ୍ରୀ ପ୍ରତାପ କୁମାର ସାମଲ, ବନପାଳ, 9777410020 |
| 20 | ବାସୁଆଁ ନର୍ସରୀ | ଅଁଳା, ଅର୍ଜୁନ, ବାଉଁଶ, ଦେବଦାରୁ, ଜାମୁ, କାଞ୍ଚନ, କରଞ୍ଜ, ମହାନିମ, ନିମ୍ବ, ପଣସ, ଶିରିଶ, ଶିଶୁ, ସୁନାରୀ, ଶାଗୁଆନ, ତେନ୍ତୁଳି, ଆମ୍ବ | ଶ୍ରୀ ଚୈତନ୍ୟ ଭୂମିଜ୍, ବନପାଳ, 9348612842 |

**ଦୟାକରି ଚାରା ପାଇଁ ବଣାଇଁ ବନଖଣ୍ଡର କଣ୍ଟ୍ରୋଲ ରୁମ୍ ନମ୍ବରରେ ଯୋଗାଯୋଗ କରନ୍ତୁ ।**

**Control Room No.7077046175 & 6370953774**

ସ୍ୱା./- ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ, ବଣାଇଁଗଡ଼

